# ଆମ ପରଂପରାରେ ସୁନିଆଁ ଓ ନବବର୍ଷ

*ଡଃ. ସୁବାସ ଚନ୍ଦ୍ର ସାହୁ।*

ସମଗ୍ର ଭାରତ ବର୍ଷରେ, ବର୍ଷ ଗଣନାର ବହୁବିଧ ପଦ୍ଧତି ପ୍ରଚଳିତ। ସେଗୁଡିକ ମଧ୍ୟରେ ଶ୍ରୀ ଶ୍ରୀ ଶାଳିବାହାନ (ଭାରତ ରାଷ୍ଟ୍ରୀୟ) ଶକାବ୍ଦ, ଉତ୍କଳୀୟ ଦିଲ୍ଲୀଶ୍ୱରାବ୍ଦ, ଗଜପତି ମହାରାଜାଙ୍କର ଅଙ୍କ, ଶ୍ରୀ ଶ୍ରୀ ବୀରବିକ୍ରମାବ୍ଦ, ହିଜିରୀ, ଇଂରେଜାବ୍ଦ, ସ୍ୱାଧୀନତାବ୍ଦ, ଭାଶ୍ୱତୀ ଗ୍ରହ୍ଣାବବ୍ଦ ବା କରଣାବ୍ଦ, ଭୂସୃଷ୍ଟ୍ୟାବ୍ଦ, ଓ ଶ୍ରୀ ଶ୍ରୀ ଶ୍ୱେତ ବାରାହକଳ୍ପାତୀତାବ୍ଦ ଆଦି ପ୍ରତିନିଧି ସ୍ଥାନୀୟ। ପ୍ରତ୍ୟେକଟି ବର୍ଷ ଗଣନାର ପଦ୍ଧତି ପୃଥିବୀର ସଂପୂର୍ଣ୍ଣ ସୂର୍ଯ୍ୟ ପରିକ୍ରମଣ ଉପରେ ପର୍ଯ୍ୟବସିତ। ଭିନ୍ନ ଭିନ୍ନ ସମୟରେ ପ୍ରଭାବଶାଳୀ ରାଜା /ମହାରାଜା ବା ସମୟ ସଚେତନ ଶକ୍ତିଶାଳୀ ଶାସକଙ୍କଦ୍ୱାରା ଏହା ନିର୍ଦ୍ଧାରିତ ଓ ପ୍ରଚଳିତ। ତେଣୁ ଏକ ସମୟରେ ପ୍ରତ୍ୟେକଟି ପଦ୍ଧତିରେ ବର୍ଷର ଆରମ୍ଭ ବା ସମାପ୍ତି ହୁଏନା । ଯେପରି ବର୍ତ୍ତମାନ ୧୯୩୦ ଶକାବ୍ଦ, ୨୦୬୫ ସଂବତ, ୧୪୧୬ ସାଲ, ୬୨/୬୩ ସ୍ୱାଧୀନତାବ୍ଦ, ଦିବ୍ୟସିଂହ ଦେବଙ୍କର ୪୮/୪୯ ଅଙ୍କ ଓ ଇଂରେଜ୍ୟାବ୍ଦ ୨୦୦୯ ମସିହା ଇତ୍ୟାଦି। କେଉଁ ପଦ୍ଧତି, କେଉଁ ସମାଜରେ, କେଉଁ ସମୟରେ କିପରି ଗୃହୀତ ଓ ପ୍ରଚଳିତ ହେବ ତାହାର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ଆମେ ସଂପ୍ରତି ଇଂରେଜୀ ବର୍ଷଗଣନା ପଦ୍ଧତିକୁ ଅଧିକ ଗୁରୁତ୍ୱ ଦେଇଥାଉ। ସେହି ସୂତ୍ରରେ ବହୁଳଭାବେ ପ୍ରତ୍ୟେକ ବର୍ଷର ଜାନୁୟାରୀ ମାସର ଏକ ତାରିଖକୁ ଆମେ ନବବର୍ଷ ରୂପେ ପାଳନ କରିଥାଉ। ଏହା ଆମ ସଂସ୍କୃତି ଓ ପରଂପରା ବିମୁଖତାର ଏକ ଚରମ ନିଦର୍ଶନ।

ଓଡ଼ିଶୀ ସଂସ୍କୃତିର ମୂଳାଧାର, ତାର ଧାରଣା ଓ ବିଶ୍ୱାସ । ରୀତି ଓ ନୀତି, ଚାହାଣୀ ଓ ଚଳଣୀ ଆଧ୍ୟାତ୍ମକତା, ନୈତିକତା ଓ ମାନବିକତା ଏହାର ସୃଷ୍ଟିମୂଳ ଆଦର୍ଶ । ସେଥିପାଇଁ ଏଠି ପାଳିତ ହୁଏ କେତେ ପର୍ବ - ପର୍ବାଣୀ, ଓଷା-ବ୍ରତ, ଜାନି-ଯାତ୍ରା ଓ ଉତ୍ସବ-ମହୋତ୍ସବ । ମାନବୀୟ ସହୃଦୟତା, ଭାତୃତ୍ୱ, ମୈତ୍ରୀତ୍ୱ ଓ ଐକ୍ୟ ଭାବର ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ । ରାଜା-ପ୍ରଜା, ଧନୀ-ଦରିଦ୍ର, ଉଚ୍ଚ-ନୀଚ, ବ୍ରାହ୍ମଣ-ଅବ୍ରାହ୍ମଣ ଭେଦରେ ଏହା ସମାନ ରୂପେ ଗୃହୀତ ଓ ପାଳିତ । ତେବେ ଉତ୍କଳୀୟ ସଂସ୍କୃତିରୁ ଓଡ଼ିଆର ଜାତୀୟ ଦେବତା, ଓଡ଼ିଶୀ ସଂସ୍କୃତିର କେନ୍ଦ୍ରବିନ୍ଦୁ, ଜଗତରନାଥ ଜଗନ୍ନାଥଙ୍କୁ ବାଦଦେଇ ସଂଭତଃ ଏ ସଂସ୍କୃତିର ଆକଳନ ଅସଂଭବ । ଜଗନ୍ନାଥ ଓଡ଼ିଶୀ ସଂସ୍କୃତିର କର୍ଣ୍ଣଧାର। ଓଡ଼ିଆ ଜାତିର ନେତା । ପୁରୀର ଗଜପାତି ମହାରାଜା ତାଙ୍କର ପ୍ରତନିଧି; ଚଳନ୍ତି ପ୍ରତିମା। ଜଗନ୍ନାଥ ଓଡ଼ିଶାର ମହାସାମନ୍ତ; ପରୋକ୍ଷ ଶାସକ। ତେଣୁ ଓଡ଼ିଶାର

ଅଧିକାଂଶ ସାସ୍କୃତିକ ଅନୁଷ୍ଠାନ ଜଗନ୍ନଥ କୈନ୍ଦ୍ରିକ। ଜଗନ୍ନାଥ କୈନ୍ଦ୍ରିକ ବିବିଧ ଓଡିଶୀ ଅନୁଷ୍ଠାନମାନଙ୍କ ମଧ୍ୟରୁ ସୁନିଆଁ ଏକ ଗୁରୁତ୍ୱ ପୂର୍ଣ୍ଣ ତଥା ପ୍ରାଚୀନ ପର୍ବ।

ସୁନିଆଁ ଓଡ଼ିଶାର ପ୍ରଶାସନିକ ନବବର୍ଷ । ଅର୍ଥାତ ଶାସକୀୟ ବର୍ଷର ପ୍ରଥମ ଦିନ। ଜଗନ୍ନାଥ ଓ ପୁରୀର ଠାକୁର ରାଜାଙ୍କୁ କେନ୍ଦ୍ରକରି ଏହା ପ୍ରତିବର୍ଷ ପରଂପରା କ୍ରମେ ପାଳିତ। ପ୍ରତିବର୍ଷ ଭାଦ୍ରବମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଜଗନ୍ନାଥଙ୍କ ସାମ୍ରାଜ୍ୟରେ ଏହା ସର୍ବତ୍ର ମହାସମାରୋହରେ ପାଳିତ ହେବାର ବିଧି ଅଛି। ଏହିଦିନ ବ୍ୟବସାୟିକ ଅନୁଷ୍ଠାନମାନଙ୍କରେ ନୂତନ ଖାତାରମ୍ଭ ଓ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ରାଜା-ପ୍ରଜା, ଜମିଦାର-ଜମିଭୋଗକାରୀ, ମହାଜନ-ଖାତକ, ଦୋକାନୀ-ଗରାଖ ମଧ୍ୟରେ ଥିବା ସଂବନ୍ଧକୁ ଅଧିକ ଘନିଷ୍ଠ ଓ ନିବିଡ଼ କରି ଗଢ଼ିତୋଳିବା ପାଇଁ ସଂଭବତଃ ଏହା ପ୍ରଚଳିତ । ରାଜତନ୍ତ୍ରରେ ପ୍ରଜାନୁରଞ୍ଜନର ଏହା ଏକ ଅଭୂତପୂର୍ବ ନିଦର୍ଶନ । ଏହି ଦିନ ପ୍ରଜାଗଣ ରାଜା ଓ ଜମିଦାର ଆଦିଙ୍କୁ ଭେଟି ବା ଉପହାର ଦେଇ ଶାସକ ଓ ଶାସିତର ସଂବନ୍ଧକୁ ଅଧିକ ନିକଟତର କରିବା ପାଇଁ ଚେଷ୍ଟା କଲାବେଳେ, ଶାସକ ପ୍ରଜାମାନଙ୍କୁ ଭୋଜିଭାତ ଦେଇ ଆପ୍ୟାୟିତ କରିଥାଆନ୍ତି। ଧାନ ଅମଳ ପରେ ପ୍ରଜାଠାରୁ ରାଜସ୍ୱ ଆଦାୟର ସୁବିଧା ନିମିତ୍ତ ବୋଧହୁଏ ରାଜା ଓ ଜମିଦାରଗଣ ସୁନିଆଁ ଦିନଟିକୁ ପ୍ରକୃଷ୍ଟ ଦିନରୂପେ ବିବେଚିତ କରୁଥିଲେ।

ପରମ୍ପରା ଅନୁସାରେ ସୁନିଆଁ ଦିନ ଗୋଟାଏ ସୁନା ମୋହର ଉପରେ ରାଜାଙ୍କର ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ । ଏହାକୁ ଅଙ୍କ କଟାଇବା ବୋଲି କୁହାଯାଏ। ସ୍ୱର୍ଣ୍ଣ ମୋହରର ଆକୃତିରୁ ସେହି ବର୍ଷର ଶୁଭା-ଶୁଭ ନିର୍ଦ୍ଧାରଣ କରାଯାଏ । ଏହାକୁ 'ଅଙ୍କ' କଟାଇବା ବୋଲି କୁହାଯାଏ । 'ସୁନା' ଶବ୍ଦ ସହ ସୁନିଆଁ ଶବ୍ଦର ସଂପର୍କ ଅଛିବୋଲି କେତେକ ମତ ପୋଷଣ କରିଥାଆନ୍ତି । ଆଉ କେତେକ ଏହି ଦିନଟିକୁ 'ସୁ' ଅର୍ଥାତ ଶୁଭ ଭାବରେ ନିଆ ଯାଉଥିବାରୁ ଏହାର ନାମ ସୁନିଆଁ ରଖାଯାଇଛି ବୋଲି ମତ ବ୍ୟକ୍ତ କରନ୍ତି।

ଏହି ଦିବସଟିର ଭିନ୍ନ ଏକ ଗୁରୁତ୍ୱ ହେଉଛି-ଏହି ଦିନ ବାମନଙ୍କ ଜନ୍ମ ଦିନରୂପେ ପାଳିତ ହୁଏ । ମହାବଳୀ ରାକ୍ଷସ ରାଜା ବଳୀଙ୍କର ସମସ୍ତ ଅହଂକାରକୁ ପଦଦଳିତ କରିବା ଉଦ୍ଦେଶ୍ୟରେ ଭଗବାନ ବିଷ୍ଣୁ ଏହି ଦିନ ବାମନ ରୂପରେ ଧରାବତରଣ କରିଥିଲେ । ତିନିଗୋଟି ପାଦରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଆୟତ୍ତ କରି ସ୍ୱୟଂ ଭଗବାନ ନିଜ ଶକ୍ତିର ଚରମ ପରାକାଷ୍ଠା ପ୍ରଦର୍ଶନ କରାଇବା ସଂଗେ ସଂଗେ ସମଗ୍ର ଜଗତବାସୀଙ୍କୁ ଚକିତ ଓ ମୁଗ୍ଧ କରିଥିଲେ। ଏହି ଦିନ ଗଜପତି ରାଜାମାନେ ନୂତନ ବର୍ଷର ଶୁଭସଂକେତକୁ ସ୍ମୃତିରେ ରଖି ଓ ତ୍ରିବିକ୍ରମ ବାମନଙ୍କ ପରାକ୍ରମକୁ ପାଥେୟ କରି ଦିଗବିଜୟରେ ବାହାରୁଥିଲେ।

ଏହା ବ୍ୟତୀତ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ସମୟ ଚତୁଃମାସ୍ୟା ନାମରେ ଅଭିହିତ। ପୁରାଣ ବର୍ଣ୍ଣିତ ବର୍ଣ୍ଣନା ଅନୁସାରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶ୍ରୀହରି ଶୟନ କରନ୍ତି ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ସେ ଉତ୍ଥାନ ବା ନିଦ୍ରା ତ୍ୟାଗ କରନ୍ତି । ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ କରନ୍ତି ଅର୍ଥାତ ଉଠିବାପାଇଁ ପ୍ରସ୍ତୁତ ହୁଅନ୍ତି। ଏହି ଦିନଟି ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ନାମରେ ଅବିହିତ। ଏହି ପାର୍ଶ୍ୱ ପରିବର୍ତ୍ତନ ପରେ ଦେବ ଉତ୍ଥାନର ବ୍ରାହ୍ମ ମୁହୂର୍ତ୍ତକୁ କଳ୍ପନା କରି ଭାଦ୍ରବ ଶୁକ୍ଳ ଦ୍ୱାଦଶୀଠାରୁ ସୁନିଆଁ ବା ଉତ୍କଳର ନବବର୍ଷ ଆରମ୍ଭ ହୋଇଥାଏ।

ଓଡ଼ିଶାର ରାଜାମାନଙ୍କର ଅଙ୍କ ଗଣନା ବେଳେ, ଦଶ ବ୍ୟତୀତ ଏକକ ସ୍ଥାନରେ ଶୂନ୍ୟଥିବା ଆଉ ସମସ୍ତ ଅଙ୍କ ଏବଂ ଏକକସ୍ଥାନରେ ଛଅ ଥିବା ସମସ୍ତ ଅଙ୍କ ବାଦଦେଇ ପ୍ରଥମ ବର୍ଷଟିକୁ ଦୁଇଅଙ୍କରୁ ଆରମ୍ଭ କରାଯାଇଥାଏ। ଫଳରେ ରାଜତ୍ୱର ପ୍ରଥମ ବର୍ଷଟି ରାଜାଙ୍କର ଦ୍ୱିତୀୟ ଅଙ୍କ ଭାବରେ ଗଣନା କରାଯାଏ ଏବଂ ତାହାପରେ କ୍ରମଶଃ– ୩,୪,୫,୬,୭,୮,୯,୧୦.......ଇତ୍ୟାଦି ରାଜତ୍ୱ ଅଙ୍କ ଭାବରେ ପରିଗଣିତ ହୁଅନ୍ତି। ଏହା ଫଳରେ ରାଜତ୍ୱ କରିଥିବା ପ୍ରକୃତ ବର୍ଷଠାରୁ ଅଙ୍କ ଗଣନାର ବର୍ଷ କିଛିଟା ଅଧିକ ହୋଇଯାଏ। ଏହି ହିସାବରେ ସଂପ୍ରତି ପୁରୀର ରାଜା ଦିବ୍ୟସିଂହ ଦେବଙ୍କର ୪୮/୪୯ ଅଙ୍କ ଚାଲିଅଛି।

ଅଙ୍କ ଗଣନାର ପରଂପରା ଠିକ୍ କେବେଠୁ ଓ କିପରି ଅରମ୍ଭ ହେଲା ସେସମ୍ପର୍କରେ ଇତିହାସ ମୌନତା ପ୍ରକାଶ କରେ । କେତେକ ଦିଲ୍ଲୀଶ୍ୱରାବ୍ଦର ଆରମ୍ଭ ଦିନସହ ସୁନିଆଁକୁ ଜଡ଼ିତ କରି ବିଚାର କରନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଦିଲ୍ଲୀଶ୍ୱରାବ୍ଦ ଓ ଭାଦ୍ରବ ଶୁକ୍ଳ ଦ୍ୱାଦଶୀର କୌଣସି ସଂମ୍ବନ୍ଧ ନାହିଁ । ଆଉ କେତେକଙ୍କ ମତରେ ଓଡ଼ିଶାର ରାଜା ଯଯାତି କେଶରୀଙ୍କଠାରୁ ଏହି ଅଙ୍କ ଗଣନା ବିଧି ଆରମ୍ଭ ହୋଇଛି। କିନ୍ତୁ ଗଙ୍ଗ ରାଜତ୍ୱ କାଳରେ ଭିନ୍ନ ପଦ୍ଧତିରେ ଅଙ୍କ ଗଣନା କରାଯିବାରୁ ଏହି ଧାରା କିଛିକାଳ ବ୍ୟାହାତ ହୋଇ ପରବର୍ତ୍ତୀ ଚୋଡ଼ଗଙ୍ଗଦେବଙ୍କ କାଳରେ ଏହା ପୁନଃ ବିଧିବଦ୍ଧରୂପେ ପ୍ରଚଳିତ ହୋଇଥିଲା। ଶେଷୋକ୍ତ ମତଟି ଠିକ୍ ପରି ଲାଗେ । ଆହୁରି ମଧ୍ୟ ଚାନ୍ଦ୍ର ମତରେ ସୁନିଆଁର ଦିନ ଧାର୍ଯ୍ୟ କରାଯାଉଥିଲେ ମଧ୍ୟ ଏହାର ଦିନ ଓ ମାସର ଗଣନା ସୌର ମତାନୁସାରେ କରାଯାଇଥାଏ ।

ଆଜିର ଯୁଗରେ ଆମ ପରମ୍ପରାର ବହୁ ଗୁରୁତ୍ୱପୂର୍ଣ୍ଣ ବିଧି–ବ୍ୟବସ୍ଥାକୁ ଆମେ ପାଶୋରି ବସିଛୁ । ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣ କରି ଆମ ମାଟି, ଆମ ସଂସ୍କୃତି, ଆମ ଐତିହ୍ୟ, ଆମ ଅତୀତକୁ ଆମେ ପଛ କରିଦେଇଛୁ। ଏହା ଦ୍ୱାରା ସତରେ କଣ ଆମର ପ୍ରଗତି ଓ ଉନ୍ନତି ସଂଭବ ? ସଂଭବତଃ ନୁହେଁ। କାରଣ ଆମର ଧାରଣା, ବିଶ୍ୱାସ, ରୀତି, ନିତି, ପାରିପାର୍ଶ୍ୱିକ ପରିବେଶ, ଭୌଗୋଳିକ ସ୍ଥିତାବସ୍ଥା ଆଦିକୁ ଆଧାର କରି ଗଢ଼ି ଉଠିଛି ଏମାଟିର ସଂସ୍କୃତି।

ତାହାରି ଭିତରେ ତାର ଜନ୍ମ ଓ ବିକାଶହିଁ ସଂଭବ । ‘ମାଗିଅଣା ତୁଣ ସଢ଼କାଏ’ ପରି ଆଧୁନିକ ଯୁଗର ଆଦର୍ଶ ବତ୍ତା ଅସ୍ଥିର ଓ ଅସ୍ଥାୟୀ । ଆଜି ଆସନ୍ତୁ ପୁଣି ଫେରିଯିବା ଆମର ସେହି ହଜାର ହଜାର ବର୍ଷର, ବାପ ଅଜା ଅମଳର ପ୍ରଚୀନ ସ୍ମୃତି ସବୁ ଆଡ଼କୁ। ଯେଉଁଠାରୁ ପାଇବା ଆମ ଗତି ମୁକ୍ତିର ଶ୍ରେଷ୍ଠ ସମାଧାନ । ଆମ ପରମ୍ପରାକୁ ପୁଣି ଥରେ ଫେରିଆସୁ ପଣା ସଂକ୍ରାନ୍ତି, ସୁନିଆଁ ପରି ଦିନ ସବୁ। ପୁଣି ଥରେ ସଜଳ ସଜୀବ ହୋଇଉଠୁ ଉତ୍କଳର ସେହି ଗୌରବଜ୍ଜୋଳ ଐତିହ୍ୟ । ଆମେ ଆମର ପୂର୍ବଜମାନଙ୍କ ଭିତରେ ଓ ଆମର ଉତ୍ତରଦାୟାଦମାନେ ଆମରି ଭିତରେ ପୁଣି ଥରେ ବଞ୍ଚିବାକୁ ଅଭ୍ୟାସ କରନ୍ତୁ।  ଏହାହିଁ ଅମର କାମ୍ୟ ହେବା ଉଚିତ।

---